# PM holds All Party Meeting to discuss situation in India-China border areas

June 19, 2020

---

# ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳର ପରିସ୍ଥିତି ଉପରେ ଆଲୋଚନା କରିବାକୁ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡକେଇଛନ୍ତି

ଜୁନ୍ 19, 2020

**ଆମର 20 ଜଣ ସାହସୀ ସୈନିକ ମାନେ ଲଦାଖରେ ସର୍ବୋଚ୍ଚ ବଳିଦାନ ଦେଇଥିଲେ, କିନ୍ତୁ ଯେଉଁମାନେ ଆମ ମାତୃଭୂମି ଆଡକୁ ଦେଖିବାକୁ ସାହସ କରିଥିଲେ ସେମାନଙ୍କୁ ମଧ୍ୟ ଏକ ଶିକ୍ଷା ଦେଇଥିଲେ: ପ୍ରଧାନମନ୍ତ୍ରୀ**

**ଆମ ଅଞ୍ଚଳ ଭିତରେ କେହି ନାହାଁନ୍ତି କିମ୍ବା ଆମର କୌଣସି ପୋଷ୍ଟକୁ ମଧ୍ୟ କବଜା କରାଯାଇ ନାହିଁ: ପ୍ରଧାନମନ୍ତ୍ରୀ**

**ଭାରତ ଶାନ୍ତି ଏବଂ ବନ୍ଧୁତା ଚାହୁଁଛି, କିନ୍ତୁ ସାର୍ବଭୌମତ୍ୱ ରକ୍ଷା କରିବା ହେଉଛି ସବୁଠାରୁ ମହତ୍ୱପୂର୍ଣ୍ଣ: ପ୍ରଧାନମନ୍ତ୍ରୀ**

**ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସଶସ୍ତ୍ର ସୈନ୍ୟବାହିନୀକୁ ସ୍ୱତନ୍ତ୍ରତା ଦିଆଯାଇଛି: ପ୍ରଧାନମନ୍ତ୍ରୀ**

**ଆମର ସୀମାକୁ ଅଧିକ ସୁରକ୍ଷିତ କରିବା ପାଇଁ ସୀମା କ୍ଷେତ୍ର ଭିତ୍ତିଭୂମି ବିକାଶ ପାଇଁ ସରକାର ପ୍ରାଥମିକତା ଦେଇଛନ୍ତି: ପ୍ରଧାନମନ୍ତ୍ରୀ**

**ରାଷ୍ଟ୍ରୀୟ ସୁରକ୍ଷା ଏବଂ ଭିତ୍ତିଭୂମି ନିର୍ମାଣ ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଦ୍ରୁତ ଗତିରେ ଜାରି ରହିବ: ପ୍ରଧାନମନ୍ତ୍ରୀ**

**ରାଜନୈତିକ ଦଳର ନେତାମାନେ ସରକାରଙ୍କ ସହିତ ଏକଜୁଟ ହୋଇ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଶ୍ୱାସ ପ୍ରକାଶ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଶ୍ୱାସକୁ ଦୋହୋରାଇଛନ୍ତି**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ସର୍ବଦଳୀୟ ବୈଠକ ଡକେଇ ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ଅଧ୍ୟକ୍ଷମାନେ ଅଂଶଗ୍ରହଣ କରିଥିଲେ।

**ସଶସ୍ତ୍ର ସୈନ୍ୟ ବାହିନୀର ବୀରତ୍ୱ**

ପ୍ରଧାନମନ୍ତ୍ରୀ ସୂଚିତ କରିଛନ୍ତି ଯେ ଆଜି ଆମେ ସମସ୍ତେ ଆମର ସୀମା ରକ୍ଷା କରୁଥିବା ସୈନିକମାନଙ୍କ ସହିତ ଏକଜୁଟ ହୋଇ ସେମାନଙ୍କ ସାହସ ଏବଂ ବୀରତା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଛୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସର୍ବ ଦଳୀୟ ବୈଠକ ମାଧ୍ୟମରେ ସେ ଶହୀଦମାନଙ୍କର ପରିବାରକୁ ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ ସମଗ୍ର ଦେଶ ସେମାନଙ୍କ ସହିତ ଠିଆ ହୋଇଛନ୍ତି।

ଆରମ୍ଭରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଆମ ଅଞ୍ଚଳ ଭିତରେ କେହି ନାହାଁନ୍ତି କିମ୍ବା ଆମର କୌଣସି ପୋଷ୍ଟ ଉପରେ କୌଣସି କବଜା କରାଯାଇ ନାହିଁ। ସେ କହିଛନ୍ତି ଯେ ଆମର 20 ଜଣ ସାହସୀ ସୈନିକ ଲଦାଖରେ ଦେଶ

ପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି, କିନ୍ତୁ ଯେଉଁମାନେ ଆମ ମାତୃଭୂମି ଆଡକୁ ଚାହିଁବାକୁ ସାହସ କରିଛନ୍ତି ସେମାନଙ୍କୁ ମଧ୍ୟ ଏକ ଶିକ୍ଷା ଦେଇଛନ୍ତି। ସଂପୂର୍ଣ୍ଣ ରାଷ୍ଟ୍ର ସେମାନଙ୍କର ବୀରତ୍ୱ ଏବଂ ବଳିଦାନକୁ ସବୁଦିନ ପାଇଁ ସ୍ମରଣ କରିବ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ LAC ରେ ଚୀନ୍ ନେଇଥିବା ପଦକ୍ଷେପକୁ ନେଇ ସମଗ୍ର ଦେଶ ଆହତ ଏବଂ କ୍ରୋଧିତ ହୋଇ ଅଛନ୍ତି। ସେ ନେତାମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଆମର ସଶସ୍ତ୍ର ବାହିନୀ ଦେଶର ସୁରକ୍ଷା ପାଇଁ କୌଣସି ମଧ୍ୟ ମାର୍ଗକୁ ଛାଡି ନାହାଁନ୍ତି। ତାହା ହୁଏତ ନିୟୋଜନ କାର୍ଯ୍ୟ କିମ୍ବା କାଉଣ୍ଟର କାର୍ଯ୍ୟ ହେଉ, ସ୍ଥଳ, ସମୁଦ୍ର କିମ୍ବା ବାୟୁ ମାଧ୍ୟମରେ ହେଉ, ଆମର ସୈନ୍ୟ ବାହିନୀ ଦେଶକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ସେ ଏହି କଥା ଉପରେ ଗୁରୁତ୍ୱାରୋପ କରିଛନ୍ତି ଯେ ଆଜି ଦେଶର ଏପରି ସାମର୍ଥ୍ୟ ରହିଛି ଯେ ଆମ ଜମିର ଏକ ଇଞ୍ଚ ଆଡକୁ ମଧ୍ୟ କେହି ଦେଖିବା ପାଇଁ ସାହସ କରିପାରିବେ ନାହିଁ। ସେ କହିଛନ୍ତି ଯେ ଆଜି ଭାରତୀୟ ସୈନ୍ୟମାନେ କ୍ଷେତ୍ରଗୁଡିକରେ ଏକତ୍ର ହୋଇ ଗତି କରିବାକୁ ସକ୍ଷମ ଅଟନ୍ତି। ଗୋଟିଏ ପକ୍ଷରେ ସେନାକୁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱାଧୀନତା ଦିଆଯାଇଥିବାବେଳେ ଭାରତ ମଧ୍ୟ ରାଜନୈତିକ ଉପାୟ ମାଧ୍ୟମରେ ଚୀନ୍‌କୁ ନିଜର ଦୃଷ୍ଟିକୋଣ ସ୍ପଷ୍ଟ କରିଦେଇଛି।

**ସୀମାବର୍ତ୍ତୀ ଅଞ୍ଚଳରେ ଭିତ୍ତିଭୂମିର ବିକାଶ**

ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି ଯେ ଭାରତ ଶାନ୍ତି ଏବଂ ବନ୍ଧୁତା ଚାହୁଁଛି, କିନ୍ତୁ ସାର୍ବଭୌମତ୍ୱ ରକ୍ଷା କରିବା ସବୁଠାରୁ ମହତ୍ୱପୂର୍ଣ୍ଣ ଅଟେ। ସେ ଏହି କଥା ଉପରେ ମଧ୍ୟ ପ୍ରକାଶ ପକାଇଛନ୍ତି ଯେ, ସରକାର ଆମର ସୀମାକୁ ଅଧିକ ସୁରକ୍ଷିତ କରିବା ପାଇଁ ସୀମାବର୍ତ୍ତୀ ଅଞ୍ଚଳର ଭିତ୍ତିଭୂମିର ବିକାଶ ପାଇଁ ପ୍ରାଥମିକତା ଦେଇଛନ୍ତି। ଯୁଦ୍ଧ କରିପାରୁଥିବା ବିମାନ, ଆଧୁନିକ ହେଲିକପ୍ଟର, କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଏବଂ ଆମର ବାହିନୀର ଅନ୍ୟାନ୍ୟ ଆବଶ୍ୟକତା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ହାଲରେ ବିକଶିତ ଭିତ୍ତିଭୂମି ମାଧ୍ୟମରେ, ପାଟ୍ରୋଲିଙ୍ଗ୍ କ୍ଷମତାରେ LAC ର ଘଟଣାକ୍ରମ ବିଷୟରେ ଅଧିକ ସୂଚନା ମିଳୁଛି ଏବଂ ଫଳସ୍ୱରୂପ ଭଲ ଭାବରେ ନଜର ରଖିବା ଏବଂ ପ୍ରତିକ୍ରିୟା କରିବାକୁ ସକ୍ଷମ ହେଉଛନ୍ତି। ଯେଉଁ ଲୋକମାନଙ୍କର ଆବାଗମନ ପୂର୍ବରୁ କୌଣସି ବାଧା ବିନା ହେଉଥିବାବେଳେ ବର୍ତ୍ତମାନ ଲୋକଙ୍କ ଗତିବିଧି ସଂପୂର୍ଣ୍ଣ ଭାବରେ ଆମର ଯବାନଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ, ଯାହାକି ବେଳେବେଳେ ଉତ୍ତେଜନା ସୃଷ୍ଟି କରିଥାଏ। ସେ ଦର୍ଶାଇଛନ୍ତି ଯେ ଉନ୍ନତ ଭିତ୍ତିଭୂମି ମାଧ୍ୟମରେ କଷ୍ଟସାଧ୍ୟ ଅଞ୍ଚଳରେ ଜବାବମାନଙ୍କୁ ସାମଗ୍ରୀ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବା ବର୍ତ୍ତମାନ ତୁଳନାତ୍ମକ ଭାବରେ ସହଜ ହୋଇଛି।

ରାଷ୍ଟ୍ର ତଥା ନାଗରିକଙ୍କ କଲ୍ୟାଣ ପାଇଁ ସରକାରଙ୍କର ପ୍ରତିବଦ୍ଧତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ ବାଣିଜ୍ୟ, ସଂଯୋଗ ହେଉ କିମ୍ବା ଆତଙ୍କବାଦ ବିରୋଧୀ ହେଉ, ସରକାର ସର୍ବଦା ବାହ୍ୟ ଚାପରେ ସାମନାରେ ଦୃଢ ଭାବରେ ଛିଡା ହୋଇଛନ୍ତି।ରାଷ୍ଟ୍ରୀୟ ସୁରକ୍ଷା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଦୃତ ଗତିରେ କାର୍ଯ୍ୟକାରି ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଆମର ସୀମା ରକ୍ଷା କରିବା ପାଇଁ ସଶସ୍ତ୍ର ବାହିନୀର ସାମର୍ଥ୍ୟ ବିଷୟରେ ସେ ନେତାମାନଙ୍କୁ ପୁଣି ଆଶ୍ୱାସନା ଦେଇଛନ୍ତି ଏବଂ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେମାନଙ୍କୁ ସଂପୂର୍ଣ୍ଣ ସ୍ୱତନ୍ତ୍ରତା ଦିଆଯାଇଛି।

ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଶହୀଦମାନଙ୍କର ବଳିଦାନକୁ ଦେଶ କେବେବି ଭୁଲି ପାରିବ ନାହିଁ। ସୀମା ପରିଚାଳନା ଉପରେ ଭାରତ ଏବଂ ଚୀନ୍ ମଧ୍ୟରେ ହୋଇଥିବା ଚୁକ୍ତିନାମା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସଂକ୍ଷିପ୍ତ ବିବରଣୀ ଦେଇଛନ୍ତି। ସେ କହିଛନ୍ତି ଯେ 2014 ରେ ପ୍ରଧାନମନ୍ତ୍ରୀ 1997 ରେ କ୍ୟାବିନେଟ୍ ଦ୍ୱାରା ଚିହ୍ନିତ ଏବଂ ସ୍ୱୀକୃତ ସୀମାବର୍ତ୍ତୀ କ୍ଷେତ୍ରରେ ଭିତ୍ତିଭୂମି ଢାଞ୍ଚାର ବିକାଶକୁ

ସର୍ବାଧିକ ପ୍ରାଧାନ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲ। ସେ ହାଲରେ ଘଟଣାକ୍ରମର ବିବରଣୀ ମଧ ଅଂଶୀଦାର କଲେ।

**ରାଜନୈତିକ ଦଳର ନେତାମାନଙ୍କର ଭାଷଣ**

ରାଜନୈତିକ ଦଳର ନେତାମାନେ ଲଦାଖରେ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ସାହସିକତାକୁ ପ୍ରଶଂସା କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଭରଷା ବ୍ୟକ୍ତ କରିଛନ୍ତି ଏବଂ ସରକାରଙ୍କ ସହିତ ଏକଜୁଟ ହୋଇ ରହିବାର ପ୍ରତିବଦ୍ଧତାକୁ ପ୍ରକାଶ କରିଛନ୍ତି। ପରିସ୍ଥିତିର ମୁକାବିଲା କରିବା ପାଇଁ ସେମାନେ ସେମାନଙ୍କର ଚିନ୍ତାଧାରା ଏବଂ ଧାରଣା ମଧ ବାଣ୍ଟିଥିଲେ।

ଶ୍ରୀମତୀ ମମତା ବାନାର୍ଜୀ କହିଛନ୍ତି ଯେ ତାଙ୍କର ଦଳ ସରକାରଙ୍କ ସହିତ ଦୃଢତାର ସହିତ ଛିଡା ହୋଇଛି। ଶ୍ରୀ ନୀତୀଶ କୁମାର କହିଛନ୍ତି ଯେ ନେତାଙ୍କ ମଧରେ କୌଣସି ପ୍ରକାରରେ ମତଭେଦ ରହିବା ଉଚିତ ନୁହେଁ ଏବଂ ଦଳ ଭିତରେ ଏକତାର ଅଭାବ ହେବା ଉଚିତ ନୁହେଁ, ଯାହା ଦ୍ୱାରା ଅନ୍ୟ ଦେଶ ଦ୍ୱାରା ଲାଭପ୍ରଦ ହୋଇପାରେ। ଶ୍ରୀ ଚିରାଗ ପାସୱାନ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ନିଜକୁ ସୁରକ୍ଷିତ ଅନୁଭବ କରୁଛି। ଶ୍ରୀ ଉଦ୍ଧଭ ଠାକରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ ସମଗ୍ର ଦେଶ ଏକଜୁଟ ହୋଇ ତାଙ୍କ ସହିତ ଥିବା କଥା କହିଛନ୍ତି।

ଶ୍ରୀମତୀ ସୋନିଆ ଗାନ୍ଧୀ କହିଛନ୍ତି ଯେ ଭାରତ ଚୀନର ବିବାଦ ବ୍ୟୁରୋର ସବିଶେଷ ତଥ୍ୟକୁ ନେଇ ନେତା ମାନେ ବର୍ତ୍ତମାନ ମଧ ଅନ୍ଧାରରେ ଅଛନ୍ତି। ସେ ଗୁପ୍ତ ତଥ୍ୟ ତଥା ଅନ୍ୟାନ୍ୟ ସମ୍ବନ୍ଧିତ ପ୍ରସଙ୍ଗକୁ ନେଇ ମଧ ନରେନ୍ଦ୍ର ମୋଦୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଶ୍ରୀ ଶରଦ ପାୱାର ଜୋର ଦେଇଛନ୍ତି ଯେ ସୈନିକମାନେ ଅସ୍ତ୍ରଶସ୍ତ୍ର ନେଇଛନ୍ତି କି ନାହିଁ, ତାହାର ନିର୍ଣ୍ଣୟ ଅନ୍ତରାଷ୍ଟ୍ରୀୟ ଚୁକ୍ତିନାମା ଦ୍ୱାରା ସ୍ଥିର ହୋଇଛି ଏବଂ ରାଜନୈତିକ ଦଳଗୁଡିକ ଏହି ପ୍ରସଙ୍ଗରେ ଜଡିତ ସମ୍ବେଦନଶୀଳତାକୁ ସମ୍ମାନ ଦେବା ଆବଶ୍ୟକ। ଶ୍ରୀ କୋନରାଡ ସାଙ୍ଗମା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଉତ୍ତର-ପୂର୍ବର ଭିତ୍ତିଭୂମି ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଏହା ଜାରି ରହିବା ଉଚିତ। ଶ୍ରୀମତୀ ମାୟାବତୀ କହିଛନ୍ତି ଯେ ଏହା ରାଜନୀତି କରିବାର ସମୟ ନୁହେଁ ଏବଂ ପ୍ରଧାନମନ୍ତ୍ରୀ ଯାହା ନିଷ୍ପତ୍ତି ନିଅନ୍ତି ସେ ଙ୍କ ସହିତ ଦୃଢ ଭାବରେ ଛିଡା ହୋଇଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦେଇଥିବା ବିବୃତ୍ତିକୁ ଶ୍ରୀ ଏମ.କେ ଷ୍ଟାଲିନ ସ୍ୱାଗତ କରିଛନ୍ତି।

ପ୍ରଧାନମନ୍ତ୍ରୀ ନେତା ମାନଙ୍କର ନିଜର ମତାମତ ବାଣ୍ଟିବା ଏବଂ ବୈଠକରେ ଭାଗ ନେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ଜୁନ୍ 19, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.